# OSSTET- Mock Test, PYQS , Note, E-Books Get Now In App




## Tech Of World

# Download App

GET IT ON Google Play

# Click Here

YouTube- Click Here

Telegram- Click Here

Facebook- Click Here

Download App- For Mock Test, Previous Year Questions, E-books, Notes (PDF) Click Here

## B – SECTION – III
## ARTS GROUP
## ODIA ( OPTIONAL )

41. 'ମନସିଜ' — ଏହା କେଉଁ ସମାସର ଅନ୍ତର୍ଗତ ?

(A) ତତ୍‌ପୁରୁଷ

(B) ଅଲୁକ୍

(C) ବହୁବ୍ରୀହି

(D) କର୍ମଧାରୟ

Techofworld.In

42. 'ତୋ ବିନା ନାହିଁ ଅନ୍ୟ ଗତି ।' — ରେଖାଙ୍କିତ ପଦଟି କେଉଁ ବିଭକ୍ତିଯୁକ୍ତ ?

(A) ଦ୍ୱିତୀୟା

(B) ତୃତୀୟା

(C) ଷଷ୍ଠୀ

(D) ସପ୍ତମୀ

43. ମାଘ ମାସରେ ବାଘ ପରି ଶୀତ ହୁଏ ।

— ରେଖାଙ୍କିତ ପଦର କାରକ ନିର୍ଣ୍ଣୟ କର ।

(A) କର୍ତ୍ତା କାରକ

(B) କର୍ମ କାରକ

(C) ଅପାଦାନ କାରକ

(D) ଅଧିକରଣ କାରକ

44. 'ସନ୍ନିବିଷ୍ଟ' ଶବ୍ଦର ସନ୍ଧିବିଚ୍ଛେଦ କଲେ କ'ଣ ହେବ ?

(A) ସମ୍ + ନିବିଷ୍ଟ

(B) ସନ୍ + ନିବିଷ୍ଟ

(C) ସମ୍ + ଇବିଷ୍ଟ

(D) ସନ୍ + ଇବିଷ୍ଟ

45. ଶୁଦ୍ଧ ଶବ୍ଦଟିକୁ ଚିହ୍ନାଅ :

(A) ମରୁଦ୍ୟାନ

(B) ଆଶୀଷ

(C) ଶିକାର

(D) ହୃଷ୍ଟପୃଷ୍ଟ

**ଅନୁଚ୍ଛେଦଟି ପାଠ କରି ପ୍ରଶ୍ନ ନଂ 46 ର ଉତ୍ତର ବାଛ :**

ବିପ୍ଳବ ଖାଲି ବାହାରେ ଘଟୁନି, ମଣିଷର ଚେତନାରେ ବି ଘଟୁଛି । ବିଂଶ ଶତାବ୍ଦୀର ଦର୍ଶନ ସାହସିକତାର ଦର୍ଶନ । ଆଜିର ଦାର୍ଶନିକ ଆହ୍ୱାନ କରୁଛି, ଏ ଜୀବନ ଯଦି ପୋଡ଼ାଭୁଇଁ ତେବେ ସେଇଠି ତମର ତମ୍ବୁ ପକାଅ ।

Techofworld.In

ପୃଥିବୀକୁ ଅନ୍ଧକାର କରି ଯଦି ଈଶ୍ୱର ଅନ୍ତର୍ଦ୍ଧାନ ହେଲେ ତେବେ ଅନ୍ଧାରରେ ବଞ୍ଚିବାକୁ ପ୍ରସ୍ତୁତ ହୁଅ । ଏତେ ବଡ଼ ସାହସ ଇତିହାସରେ ମଣିଷ କେବେ କରି ନଥିଲା । ଆଜି ସେ ସବୁ ନିଷିଦ୍ଧ ଫଳ ଗ୍ରହିବାକୁ ତିଆର । କାନ୍ଧରେ ଜୀବନର ଉଦ୍ଭଟତାକୁ ବହନ କରି ଓ ହାତରେ ସାମ୍ୟବାଦର ପତାକା ଧରି ଦିଗ୍‌ବଳୟ ସୀମାରେ ନୂଆ ମଣିଷ ଦିଶିଲାଣି । ସେ ଆଜି ସମଷ୍ଟିଭାବେ ସାମ୍ୟବାଦୀ, ବ୍ୟଷ୍ଟିଭାବରେ ସ୍ଥିତିବାଦୀ, ବଞ୍ଚିବାର ଏହା ଏକ ପରୀକ୍ଷା ।

46. କେଉଁ କାରଣଯୋଗୁ ଆଜିର ମଣିଷ ବଞ୍ଚିବାର ପରୀକ୍ଷା କରୁଛି ?

(A) ସେ ସାହସୀ ହୋଇଥିବାରୁ

(B) ବ୍ୟକ୍ତିଗତଭାବେ ସ୍ଥିତିବାଦୀ ହେବାଯୋଗୁ

(C) ଚେତନାର ବିପ୍ଳବଯୋଗୁ

(D) ସାମ୍ୟବାଦଦ୍ୱାରା ପ୍ରଭାବିତ ହୋଇଥିବାରୁ

Techofworld.In

47. 'ଜିଜୀବିଷା' — ଏହାକୁ ବହୁପଦରେ ପ୍ରକାଶ କଲେ କ'ଣ ହେବ ?

(A) ଜୀଇ ରହିବାର ଇଚ୍ଛା

(B) ଜୟ କରିବାର ଇଚ୍ଛା

(C) ନିଷ୍ପତ୍ତି କରିବାର ଇଚ୍ଛା

(D) ଜାଣିବାର ଇଚ୍ଛା

48. କଳଙ୍କ ହିଁ ଥାଇ କଳାକାର-କୋଳେ
କରଇ ନେତ୍ର ରଞ୍ଜନ,
ସ୍ୱଭାବ-ସୁନ୍ଦର ଅଙ୍ଗକୁ ଜଗତେ
ନହୁଏ କିସ ମଣ୍ଡନ ?

— ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଉତ୍‌ପ୍ରେକ୍ଷା

(B) ଅର୍ଥାନ୍ତରନ୍ୟାସ

(C) ରୂପକ

(D) ଉପମା

49. ଚିରଦିନ ଦୁଃଖ-ପ୍ରହାରେ ଜର୍ଜର
ପଟ୍ଟଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର ।

— ଏହା କେଉଁ ଛନ୍ଦରେ ରଚିତ ?

(A) ଗୁଜ୍ଜରୀ

(B) ବଙ୍ଗଳାଶ୍ରୀ

Techofworld.In

(C) ନଟବାଣୀ

(D) ଗ୍ରେସ୍ଥ

50. 'ହାତ ଶଙ୍ଖା ଦର୍ପଣ' — ରୂଢ଼ିଟିର ଅର୍ଥ କ'ଣ ?

(A) ସୁଖମୟ ଦାମ୍ପତ୍ୟ ଜୀବନ

(B) ପରିଷ୍କାର ପରିଚ୍ଛନ୍ନତା

(C) ବିଭା ହେବା

(D) ମେଳ ଖାଇବା

Techofworld.In

51. ଜୋର ଯାହାର, ମୁଲକ ତାହାର । — ଏହା କେଉଁ ପ୍ରକାର ବାକ୍ୟ ?

(A) ସରଳ

(B) ମିଶ୍ର

(C) ଯୌଗିକ

(D) ଜଟିଳ

52. କେଉଁ ଶବ୍ଦରେ 'ର' ପ୍ରତ୍ୟୟ ପ୍ରଯୁକ୍ତ ?

(A) ମଧୁର

(B) ପୌର

(C) ଆସୁର

(D) କୌମାର

Techofworld.In

53. 'ଦୃଷ୍ଟି' ଶବ୍ଦରେ ବ୍ୟବହୃତ କୃତ୍ ପ୍ରତ୍ୟୟଟି କ'ଣ ?

(A) ଇ

(B) ଟି

(C) ଷ୍ଟି

(D) ତି

54. ସୀତା ପତିଙ୍କ <u>ସହିତ</u> ବନକୁ ଗମନ କରିଥିଲେ । — ରେଖାଙ୍କିତ ଅଂଶଟି କେଉଁ ପଦ ?

(A) ସର୍ବନାମ

(B) ଅବ୍ୟୟ

(C) ବିଶେଷଣ

(D) ବିଶେଷ୍ୟ

55. 'ସ୍ତୁତି ଚିନ୍ତାମଣି' କେଉଁ କବିଙ୍କ ଦ୍ୱାରା ରଚିତ ?

(A) ଉପେନ୍ଦ୍ର ଭଞ୍ଜ

(B) ଜଗନ୍ନାଥ ଦାସ

(C) ଭୀମଭୋଇ

(D) ସାରଳା ଦାସ